# NATIONAL NEWS BULLETIN (ODIA)

## 03rd October - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଭାରତ-ରୁଷ୍ ବ୍ୟାବସାୟିକ ସମ୍ପର୍କକୁ ନୂଆ ଦିଗ ଦେବା ଉଦ୍ଦେଶ୍ୟରେ ଆସନ୍ତା ଡିସେମ୍ବର ମାସରେ ଭାରତ ଆସିବେ ରୁଷ୍ ରାଷ୍ଟ୍ରପତି ।
- ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରରେ ଷ୍ଟେସନାରୀ ସାମାଗ୍ରୀ ଉପରେ ଟିକସ ହ୍ରାସ ଉତ୍ପାଦକ, ବିକ୍ରେତା ଓ ଛାତ୍ରଛାତ୍ରୀଙ୍କୁ କରୁଛି ଲାଭାନ୍ୱିତ ।
- ମଧ୍ୟପ୍ରଦେଶରେ ଏକ ଟ୍ରାକ୍ଟର ଡାଲା ନଦୀ ମଧ୍ୟକୁ ଖସିପଡ଼ିବା ଫଳରେ ୧୦ ମୃତ ।
- ଆମେରିକାରେ ସୃଷ୍ଟି ହୋଇଥିବା ଆର୍ଥିକ ଅଚଳାବସ୍ଥା ଯୋଗୁଁ ଛୁଟିରେ ଗଲେ ୭ ଲକ୍ଷ ୫୦ ହଜାର ସରକାରୀ କର୍ମଚାରୀ ।

ଏବଂ

- ଅହମ୍ମଦାବାଦରେ ଚାଲିଥିବା କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ୱେଷ୍ଟଇଣ୍ଡିଜ୍ ବିରୋଧରେ ୧୨୧ ରନ୍‌ରୁ ପ୍ରଥମ ଇନିଙ୍ଗ୍‌ସ ଜାରି ରଖିବ ଭାରତ ।

## ପୁଟିନ୍ ଇଣ୍ଡିଆ ଭିଜିଟ୍

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଚଳିତ ବର୍ଷ ଡିସେମ୍ବର ମାସରେ ଭାରତ ଗସ୍ତରେ ଆସିବେ । ରୁଷ୍ ପ୍ରଶାସନର ସୂଚନା ଅନୁଯାୟୀ ଭାରତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ବାର୍ଷିକ ସମ୍ମିଳନୀରେ ଶ୍ରୀ ପୁଟିନ୍ ଯୋଗଦେବେ । ଭାରତ ଗସ୍ତ ବିଷୟ ସ୍ପଷ୍ଟକରି ରୁଷ୍‌ର ମୁଖପାତ୍ର ଦିମିତ୍ରି ପେସ୍‌କଭ୍ କହିଛନ୍ତି, ଏହି ସମ୍ମିଳନୀ ଆସନ୍ତା ନୂଆବର୍ଷ ପୂର୍ବରୁ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ପୁଟିନ୍‌ଙ୍କ ଭାରତ ଗସ୍ତ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି । ୨୦୨୨ ମସିହାରେ ରୁଷ୍-ୟୁକ୍ରେନ୍ ସଂଘର୍ଷ ପରେ ରୁଷ୍ ନେତାଙ୍କ ଏହା ପ୍ରଥମ ଭାରତଗସ୍ତ ହେବ ।

ଭାରତ ଗସ୍ତ ନେଇ ରୁଷ୍ ରାଷ୍ଟ୍ରପତି ଆଗ୍ରହୀ ଥିବା କହିଛନ୍ତି । ୨୦୨୫ ଭଲଦାୟୀ ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ପୁଟିନ୍ କହିଛନ୍ତି, ଭାରତ ରୁଷ୍‌ର ଏକ ଭରସାଯୋଗ୍ୟ ସହଯୋଗୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣେ ବିଜ୍ଞ ନେତା ଓ ଦୃଢ଼ ବ୍ୟକ୍ତିତ୍ୱ ବୋଲି ସେ କହିଛନ୍ତି ।

ଉଭୟ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ କାରବାର ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ ଆଗାମୀ ଦିନରେ ଏହାକୁ ଆହୁରି ସଶକ୍ତ କରିବା ଉପରେ ରୁଷ୍ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଥିବା ବିଭିନ୍ନ ସୁଯୋଗର ସଦ୍‌ବ୍ୟବହାର ଲାଗି ପଦକ୍ଷେପ ଗ୍ରହଣ କରାଯିବ । ବିଶେଷକରି ପରିବହନ କ୍ଷେତ୍ରରେ ଦେଖାଦେଉଥିବା ଅସୁବିଧାକୁ ଦୂର କରି ଯେଭଳି ସୀମାପାର ଦେୟ ବ୍ୟବସ୍ଥାକୁ ତ୍ୱରିତ କରାଯାଇପାରିବ, ସେନେଇ ମଧ୍ୟ ଦ୍ୱିପକ୍ଷୀୟ ଆଲୋଚନା କରାଯିବ । ଏନେଇ ରୁଷ୍ ରାଷ୍ଟ୍ରପତି ଆଗୁଆ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି କୁହାଯାଇଛି । ଉଭୟ ଦେଶ ଆନ୍ତର୍ଜାତିକ ରାଜନୈତିକ ଘଟଣାବଳୀ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ବ୍ୟତୀତ ସାଂସ୍କୃତିକ କ୍ଷେତ୍ର ମଧ୍ୟ ବିକଶିତ ହେଉଥିବା ଶ୍ରୀ ପୁଟିନ୍ କହିଛନ୍ତି । ସୁରକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଏବଂ ରୁଷ୍ ମଧ୍ୟରେ ଗଭୀର ସମ୍ପର୍କ ରହିଛି ବୋଲି ସେ କହିଛନ୍ତି ।

## ଜି.ଜି. ପାରିଖ୍ - ପାସେସ୍ ଆୱେ

ଗାନ୍ଧିବାଦୀ ତଥା ସ୍ୱାଧୀନତା ସଂଗ୍ରାମ ଜି.ଜି. ପାରିଖ୍ଙ୍କର ଗତକାଲି ୧୦୦ ବର୍ଷ ବୟସରେ ମୁମ୍ବାଇରେ ଦେହାନ୍ତ ହୋଇଛି । ସେ ତାଙ୍କ

ଜୀବନକାଳ ମଧ୍ୟରେ ପ୍ରଥମେ ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନ ସମୟରେ ଏବଂ ଦ୍ୱିତୀୟ ଥର ଜରୁରୀକାଳିନ ପରିସ୍ଥିତି ସମୟରେ ଜେଲ୍ ଯାଇଥିଲେ । ସେଭଳି ପରିସ୍ଥିତିରେ ମଧ୍ୟ ସେ ସମାଜ ପ୍ରତି ତାଙ୍କର କର୍ତ୍ତବ୍ୟ ଭୁଲି ନ ଥିଲେ । ଜଣେ ଛାତ୍ରକର୍ମୀ ଭାବରେ ସେ ତାଙ୍କ ସାର୍ବଜନୀନ ଜୀବନ ଆରମ୍ଭ କରି ୧୯୪୦ ଦଶକର ପ୍ରାରମ୍ଭରେ ସୌରାଷ୍ଟ୍ର ଏବଂ ମୁମ୍ବାଇରେ ବିଭିନ୍ନ ଆନ୍ଦୋଳନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ପାରିଖ୍ ଛାତ୍ର କଂଗ୍ରେସର ବମ୍ବେ ୟୁନିଟ୍‌ର ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।

## ଜି.ଏସ୍.ଟି. ରିଫର୍ମସ - ଷ୍ଟେସନାରୀ ଆଇଟମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ଘୋଷଣା କରାଯାଇଥବା ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଗତମାସ ୨୨ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ସମାଜର ସମସ୍ତ ବର୍ଗର ଲୋକଙ୍କୁ ଲାଭ ଦେଉଥିବା ଜଣାପଡ଼ିଛି । ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି । ବିଭିନ୍ନ ସେବା ଏବଂ ସାମଗ୍ରୀ ଉପରେ ଟିକସ ହ୍ରାସ ପାଇବାଦ୍ୱାରା ସାଧାରଣ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଦେଶର ସାମଗ୍ରିକ ବିକାଶରେ ଜି.ଏସ୍.ଟି. ସଂସ୍କାରର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ ।

***Voice (PM Modi - GST)*** :..........

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର ବିଭିନ୍ନ ପ୍ରକାରର ଷ୍ଟେସନାରୀ ସାମଗ୍ରୀ ଉପରେ ଟିକସ ହ୍ରାସ କରିଛନ୍ତି । ପେନ୍ସିଲ୍ ସମେତ ନୋଟ୍‌ବୁକ୍, ଖାତା, ଗ୍ରାଫ୍ ଖାତା ଏବଂ ଲାବରେଟୋରୀ ନୋଟ୍‌ବୁକ୍ ଉପରେ ପୂର୍ବରୁ ଥିବା ୧୨ ପ୍ରତିଶତ ଜି.ଏସ୍.ଟି.କୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ସେହିପରି ଇରେଜର୍, ପେନ୍ସିଲ୍ କଟର୍ ଉପରୁ ମଧ୍ୟ ଜି.ଏସ୍.ଟି. ଛାଡ଼ କରାଯାଇଛି । ଜ୍ୟାମିତି ବାକ୍ସ ଏବଂ ଗଣିତରେ ବ୍ୟବହାର ହେଉଥିବା ଉପକରଣ ଉପରେ ଜି.ଏସ୍.ଟି. ହାରକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହିସବୁ ପରିବର୍ତ୍ତନ ଫଳରେ ଷ୍ଟେସନାରୀ ଦ୍ରବ୍ୟର ମୂଲ୍ୟ ହ୍ରାସ ପାଇଛି, ଯାହା ଉତ୍ପାଦକ, ବିକ୍ରେତା, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଆର୍ଥିକ ସୁବିଧା ପ୍ରଦାନ କରିଛି । ଏନେଇ ବିକ୍ରେତା ଓ ଉପଭୋକ୍ତାମାନେ କହିଛନ୍ତି :

***Voice (GST Stationary)*** :..........

## ଏମ୍.ପି. ଆକ୍ସିଡେଣ୍ଟ

ମଧ୍ୟପ୍ରଦେଶରେ ଏକ ଟ୍ରାକ୍ଟର ଡାଲା ନଦୀ ମଧ୍ୟକୁ ଓଲଟି ପଡ଼ିବାରୁ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ଖଣ୍ଡୁଆ ଜିଲ୍ଲାର ଜମ୍‌ଲି ଗ୍ରାମରେ ଏକ

ଅଣଓସାରିଆ ପୋଲରେ ଟ୍ରାକ୍ଟରଟି ଯାଉଥିବାବେଳେ ତାହାର ଡାଲାଟି ନଦୀ ମଧ୍ୟକୁ ଖସିପଡ଼ିଥିଲା । ଦୁର୍ଗାମୂର୍ତ୍ତି ବିସର୍ଜନ କରି ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଟ୍ରାକ୍ଟର ଡାଲାରେ ଥିବା ୧୪ ଜଣ ଲୋକଙ୍କ ମଧ୍ୟରୁ ୧୦ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସ୍ଥାନୀୟ ପ୍ରଶାସନ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଅଧରାତି ପର୍ଯ୍ୟନ୍ତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ପ୍ରାଣ ହରାଇଥିବା ଲୋକଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଛନ୍ତି । ଶ୍ରୀ ମୋଦି ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତମାନଙ୍କପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମଧ୍ୟ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଅର୍ଥ ଘୋଷଣା କରିଛନ୍ତି ।

## ଟ୍ରମ୍ପ୍ ରିଆକ୍ସନ - ୟୁ.ଏସ୍. ସଟ୍‌ଡାଉନ୍

ଆମେରିକାରେ ସୃଷ୍ଟି ହୋଇଥିବା ଆର୍ଥିକ ଅଚଳାବସ୍ଥାକୁ ଏକ ସୁଯୋଗ ବୋଲି ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ କହିଛନ୍ତି । ସେ କହିଛନ୍ତି, ଫେଡେରାଲ୍

କର୍ମଚାରୀ ସଂଖ୍ୟା ହ୍ରାସ କରିବା ଲାଗି ଏହା ଏକ ଅଭୂତପୂର୍ବ ସୁଯୋଗ । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଟ୍ରମ୍ପ୍ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ହ୍ୱାଇଟ୍ ହାଉସ୍ ପକ୍ଷରୁ ସରକାରୀ କର୍ମଚାରୀ ଛଟେଇ ନେଇ ଚେତାବନୀ ଦିଆଯିବାର ଗୋଟିଏ ଦିନ ପରେ ରାଷ୍ଟ୍ରପତି ଟ୍ରମ୍ପ୍ ଏଭଳି ମନ୍ତବ୍ୟ ଦେଇଛନ୍ତି ।

ହ୍ୱାଇଟ୍ ହାଉସ୍ ଗଣମାଧ୍ୟମ ସଚିବ କ୍ୟାରୋଲିନ୍ ଲିଭିଟ୍ କହିଛନ୍ତି, ଯେଉଁ କ୍ଷେତ୍ରଗୁଡ଼ିକରେ କର୍ମଚାରୀ ହ୍ରାସ କରାଯାଇପାରିବ, ସେହି କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ଲାଗି ଶ୍ରୀ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଛନ୍ତି । ଲିଭିଟ୍ କହିଛନ୍ତି, ଏଭଳି ନିଷ୍ପତ୍ତି ଯୋଗୁଁ ହଜାର ହଜାର ସଂଖ୍ୟାର ଫେଡେରାଲ୍ କର୍ମଚାରୀଙ୍କୁ ଚାକିରି ହରାଇବାକୁ ପଡ଼ିବ । ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ’ ଡେମୋକ୍ରାଟ୍ ସଦସ୍ୟମାନଙ୍କୁ ସମାଲୋଚନା କରି କହିଛନ୍ତି, ଯଦି ଆର୍ଥିକ ମାନ୍ଦାବସ୍ଥା ଜାରି ରହେ, ତେବେ ଅନେକ ଲୋକ ଚାକିରି ହରାଇବେ ।

ଏହି ଅଭିଯୋଗକୁ ଡେମୋକ୍ରାଟ୍‌ମାନେ ଖଣ୍ଡନ କରିଛନ୍ତି । ସୂଚନା ଅନୁଯାୟୀ ଏବେ ଆମେରିକାରେ ୭ ଲକ୍ଷ ୫୦ ହଜାର ଫେଡେରାଲ୍ କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଥିବାବେଳେ ଅନେକ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ସୀମା ସୁରକ୍ଷା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ଭଳି ସେବା କାର୍ଯ୍ୟକ୍ଷମ ରହିଛି । ଯଦି ଆର୍ଥିକ ଅବସ୍ଥାରେ ସୁଧାର ନ ଆସେ, ତେବେ ଖାଦ୍ୟ ସହାୟତା କାର୍ଯ୍ୟକ୍ରମ, ପ୍ରି-ସ୍କୁଲ୍ ପାଣ୍ଠି ଏବଂ ଜାତୀୟ ଉଦ୍ୟାନ ସେବା ଖୁବ୍ ଶୀଘ୍ର ପ୍ରଭାବିତ ହେବ ।

ଅନ୍ୟପକ୍ଷରେ ବିନା ଦରମାରେ କାମ କରୁଥିବା କର୍ମଚାରୀମାନେ ଯଦି କାମ ବନ୍ଦ କରନ୍ତି, ସେକ୍ଷେତ୍ରରେ ବିମାନସେବା ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ଗତ ୭ ବର୍ଷ ମଧ୍ୟରେ ପ୍ରଥମ ଥରଲାଗି ଆମେରିକାରେ ଏଭଳି ଅଚଳାବସ୍ଥା ଲାଗି ରହିଛି । ତେବେ ପୂର୍ବରୁ ମଧ୍ୟ ଟ୍ରମ୍ପ୍‌ଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ ଏଭଳି ସ୍ଥିତି ୩୫ ଦିନ ଧରି ଜାରି ରହିଥିଲା ।

## କ୍ରିକେଟ୍ - ଇଣ୍ଡିଆ-ୱେଷ୍ଟଇଣ୍ଡିଜ୍

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଚାଲିଥିବା ଦୁଇ ମ୍ୟାଚ୍ ସିରିଜ୍‌ର ପ୍ରଥମ ଟେଷ୍ଟର ଆଜି ଦ୍ୱିତୀୟ ଦିନରେ ଭାରତ ଗତକାଲିର ୨ ୱିକେଟ୍‌ରେ ୧୨୧ ରନ୍‌ରୁ ପ୍ରଥମ ଇନିଙ୍ଗ୍‌ସ୍ ଜାରି ରଖିବ । ଗତକାଲି ଖେଳ ଶେଷ ହେବାବେଳକୁ କେ.ଏଲ୍ ରାହୁଲ୍ ୫୩ ଏବଂ ଶୁଭମନ୍ ଗିଲ୍ ୧୮ ରନ୍ କରି ଅପରାଜିତ ଥିଲେ ।

ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଙ୍ଗ୍‌ସରେ ୧୬୨ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା । ଭାରତ ପକ୍ଷରୁ ମହମ୍ମଦ ସିରାଜ୍ ୪ଟି ଏବଂ ଯଶ୍‌ପ୍ରୀତି ବୁମ୍‌ରାହ ୩ଟି ୱିକେଟ୍ ନେଇଥିଲେ ।

## ୱେଟ ଲିଫ୍ଟିଂ ଚାମ୍ପିୟନ୍‌ସିପ୍

ନରୱେର ଫୋରଦେ'ଠାରେ ଚାଲିଥିବା ବିଶ୍ୱ ଭାରୋତ୍ତଳନ ପ୍ରତିଯୋଗିତାରେ ଭାରତର ମୀରାବାଈ ଚାନୁ ୪୮ କିଲୋଗ୍ରାମ ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି । ୨୦୨୨ ମସିହା ପରେ ପ୍ରଥମ ବିଶ୍ୱ ଚାମ୍ପିୟନ୍‌ସିପ୍‌ରେ ଭାଗ ନେଇଥିବା ମୀରାବାଈ ୮୪ ଏବଂ ୧୧୫ କିଲୋଗ୍ରାମ୍ ବର୍ଗରେ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ କୋରିଆର ବିଶ୍ୱ ଚାମ୍ପିୟନ୍ ରି ସଙ୍ଗ୍-ଗୁମ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

ସେହିପରି ପୁରୁଷ ବର୍ଗରେ ଲଭପ୍ରୀତି ସିଂହଙ୍କ ନେତୃତ୍ୱରେ ଭାରତୀୟ ଖେଳାଳିମାନେ ପ୍ରଦର୍ଶନ କରୁଛନ୍ତି ।

## ୱାର୍ଲଡ୍ ପାରା ଆଥ୍‌ଲେଟିକ୍ ଚାମ୍ପିୟନ୍‌ସିପ୍

ନୂଆଦିଲ୍ଲୀରେ ଚାଲିଥିବା ବିଶ୍ୱ ପାରାକ୍ରୀଡ଼ା ପ୍ରତିଯୋଗିତାରେ ଗତକାଲି ଭାରତ ୨ଟି ପଦକ ହାସଲ କରିଛି । ଫଳରେ ଭାରତ ଏପର୍ଯ୍ୟନ୍ତ ୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ୨ ବ୍ରୋଞ୍ଜ୍‌ପଦକ ପାଇଛି । ଭାରତର ଧର୍ମବୀର ନେନ୍ ପୁରୁଷ F-51 କ୍ଲବ୍ ଥ୍ରୋ'ରେ ୨୯ ଦଶମିକ ୭/୧ ମିଟର ଦୂରତା ଫିଙ୍ଗି

ରୌପ୍ୟ ପଦକ ଜିତିଛନ୍ତି । ସର୍ବିଆର ଆଲେକ୍‌ଜାଣ୍ଡାର ରାଡିସିକ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

ପୁରୁଷ ଡିସ୍‌କସ୍ ଥ୍ରୋ’ F-57 ରେ ଅତୁଲ କୌଶିକ ୪୫ ଦଶମିକ ୬/୧ ମିଟର ସହ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ଏହି ବର୍ଗରେ ଲିବିୟାର ମହମ୍ମଦ ରଜବ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ଭାରତ ପଦକ ତାଲିକାରେ ସପ୍ତମ ସ୍ଥାନରେ ରହିଛି ।

ସୂଚନାଯୋଗ୍ୟ, ଦ୍ୱାଦଶ ବିଶ୍ୱ ପାରା କ୍ରୀଡ଼ା ପ୍ରତିଯୋଗିତାରେ ୧୦୪ଟି ଦେଶର ୨ ହଜାରରୁ ଅଧିକ ଖେଳାଳି ୧୮୬ଟି ଭିନ୍ନ ଭିନ୍ନ କ୍ରୀଡ଼ାବର୍ଗରେ ଅଂଶଗ୍ରହଣ କରିଛନ୍ତି । ଭାରତର ୫୪ ଜଣ ପୁରୁଷ ଓ ୧୯ ଜଣ ମହିଳାଙ୍କୁ ନେଇ ଗଠିତ ଦଳ ଏହି ପ୍ରତିଯୋଗିତାରେ ପ୍ରଦର୍ଶନ ଜାରି ରଖିଛି ।

*****